# ଜୀବନ ଏକ ଉପହାର ,
# ଏହାକୁ ହାରିବାକୁ ଦିଅନ୍ତୁ ନାହିଁ

## ଜୀବନ ଜିନ୍ଦାବାଦ

**ଯୁବପିଢ଼ିଙ୍କୁ ମାନସିକ ଅବସାଦ ଓ ଆତ୍ମହାନିରୁ ସୁରକ୍ଷା ଦେବା ପାଇଁ କମିଶନରେଟ୍ ପୋଲିସ ସର୍ବଦା ଦୃଢ ସଂକଳ୍ପବଦ୍ଧ**

# ଡିଜିଟାଲ୍ ଗିରଫ ବା Digital Arrest

## ଡିଜିଟାଲ ଆରେଷ୍ଟ କଣ ?

ସାଇବର୍ ଅପରାଧୀ ମାନେ ନକଲି ପୋଲିସ ଅଫିସରର ପରିଚୟ ଦେଇ ଆପଣଙ୍କ ମୋବାଇଲ ଫୋନ ନମ୍ବରରେ ଅଶ୍ଳୀଳ ଫୋଟୋ ଏବଂ ଭିଡ଼ିଓ ପଠା ହୋଇଛି ତଥା ଆପଣଙ୍କ ନାମରେ ପାର୍ସଲ ଆସିଛି ଯେଉଁଥିରେ ଡ୍ରଗ୍ସ ଅଛି କହି ଭୟଭୀତ କରି ଡିଜିଟାଲ ଆରେଷ୍ଟ କରିଥାନ୍ତି |

- ଭାରତୀୟ ଆଇନରେ Digital Arrest ନାମକ କୌଣସି ବ୍ୟବସ୍ଥା ନାହିଁ
- କୌଣସି ପୋଲିସ କିମ୍ବା ସରକାରୀ ଏଜେନ୍ସି WhatsApp କିମ୍ବା SKYPE କଲ୍ ମାଧ୍ୟମରେ କାହାକୁ ଗିରଫ କରି ପାରିବେ ନାହିଁ



## ସୁରକ୍ଷା ପରାମର୍ଶ

- ଭୟଭୀତ ହୁଅନ୍ତୁ ନାହିଁ
- ଅଜଣା ଭିଡିଓ କଲ୍ ଗ୍ରହଣ କରନ୍ତୁ ନାହିଁ
- ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରନ୍ତୁ ନାହିଁ
- କୌଣସି ଅଜଣା ଆକାଉଣ୍ଟରେ ଟଙ୍କା ପଠାନ୍ତୁ ନାହିଁ
- ତୁରନ୍ତ ୧୯୩୦ ନମ୍ବରକୁ କଲ୍ କରି ପୋଲିସକୁ ଜଣାନ୍ତୁ
- www.cybercrime.gov.in ୱେବସାଇଟରେ ନିଜର ଅଭିଯୋଗ ଦାଖଲ କରନ୍ତୁ

**1930**

ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ

www.cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରନ୍ତୁ

# ମ୍ୟୁଲ ଆକାଉଣ୍ଟ (Mule Account)

## ମ୍ୟୁଲ ଆକାଉଣ୍ଟ କଣ ?

ସାଇବର ଅପରାଧୀ ମାନେ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ନିଜର ଅବୈଧ କଳାଧନର କାରବାର କରିବା ପାଇଁ ଆପଣଙ୍କୁ ସହଜ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇଥାନ୍ତି ଯାହାକି ବେଆଇନ 'ମନି ମ୍ୟୁଲିଂ' (Money Muling) ଅପରାଧ ଏବଂ ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ



## ସୁରକ୍ଷା ପରାମର୍ଶ

- ସହଜରେ ଟଙ୍କା ରୋଜଗାର କରିବା ଭଳି ଲୋଭ ଠାରୁ ଦୂରେଇ ରୁହନ୍ତୁ ।
- ଆର୍ଥିକ କାରବାର ପାଇଁ କେବେବି ନିଜର ବ୍ୟାଙ୍କ ଆକାଉଣ୍ଟ ଏବଂ ବ୍ୟାଙ୍କ ଜନିତ ତଥ୍ୟ କାହାକୁ ଦିଅନ୍ତୁ ନାହିଁ

**1930**

ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ

www.cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରନ୍ତୁ

# ନିବେଶ ଠକେଇ (Investment Scam)

## ନିବେଶ ଠକେଇ କଣ ?

ଯଦି କେହି ଆପଣଙ୍କୁ କମ୍ ସମୟରେ ଟଙ୍କା ଦୁଇଗୁଣା କରିବା କିମ୍ବା ମାସିକ ୨୦-୩୦% ସ୍ଥିର ରିଟର୍ଣ୍ଣ (Guaranteed Return) ଦେବାକୁ କହୁଛନ୍ତି, ତେବେ ଆପଣ ଠକାମିର ଶିକାର ହୋଇପାରନ୍ତି ।



## ସୁରକ୍ଷା ପରାମର୍ଶ

- ଅଧିକ ଲାଭର ପ୍ରଲୋଭନରୁ ବଞ୍ଚନ୍ତୁ
- କମ୍ପାନୀ/ବ୍ୟକ୍ତିଙ୍କ ବିଷୟରେ ତଥ୍ୟ ଯାଞ୍ଚ କରନ୍ତୁ
- SEBI ଏବଂ RBI ପଞ୍ଜୀକରଣ ଯାଞ୍ଚ କରନ୍ତୁ
- ସୋସିଆଲ୍ ମିଡିଆ "ଟିପ୍ସ" ଠାରୁ ଦୂରେଇ ରୁହନ୍ତୁ
- ନିଜର OTP, Bank Password, PIN କିମ୍ବା Aadhar Card ର ଫଟୋ କାହାକୁ ଦିଅନ୍ତୁ ନାହିଁ।
- ତୁରନ୍ତ ୧୯୩୦ (1930) ନମ୍ବରକୁ କଲ୍ କରି ପୋଲିସକୁ ଜଣାନ୍ତୁ
- ନିଜ ବ୍ୟାଙ୍କକୁ ତୁରନ୍ତ ଖବର ଦେଇ ଆକାଉଣ୍ଟ କିମ୍ବା କାର୍ଡ ବ୍ଲକ୍ କରନ୍ତୁ।

**1930** ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ

www.cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରନ୍ତୁ

# ସୋସିଆଲ ମିଡିଆ (social media) ବ୍ୟବହାର କରିବା ନିୟମାବଳୀ



## ସୁରକ୍ଷା ପରାମର୍ଶ

- ଜଟିଳ ପାସୱାର୍ଡ (Strong Password) ବ୍ୟବହାର କରନ୍ତୁ
- ଦୁଇ-ସ୍ତରୀୟ ଯାଞ୍ଚ (Two-Factor Authentication) ସକ୍ରିୟ କରନ୍ତୁ
- ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ (Public) କରନ୍ତୁ ନାହିଁ
- ସୋସିଆଲ ମିଡିଆରେ ଅଜଣା ବ୍ୟକ୍ତିଙ୍କଠାରୁ ଆସୁଥିବା Friend Request ଗ୍ରହଣ କରନ୍ତୁ ନାହିଁ
- କୌଣସି ଅଜଣା Link ଉପରେ କ୍ଲିକ୍ କରନ୍ତୁ ନାହିଁ କିମ୍ବା ଅଜଣା ଆପ୍ଲିକେସନ ଡାଉନଲୋଡ୍ କରନ୍ତୁ ନାହିଁ
- ଅଶ୍ଳୀଳ ଲେଖା, ଫୋଟୋ ତଥା ଭିଡ଼ିଓ କୁ ସୋସିଆଲ ମିଡ଼ିଆ ରେ କାହାରିକୁ ପଠାନ୍ତୁ ନାହିଁ ତଥା ସେୟାର କରନ୍ତୁ ନାହିଁ। ଏହା ଏକ ଦଣ୍ଡନୀୟ ଅପରାଧ ଅଟେ।
- ପ୍ରାଇଭେସି ସେଟିଂସ (Privacy Settings) କୁ ଭଲ ଭାବରେ ଯାଞ୍ଚ କରନ୍ତୁ
- ଅଜଣା ନମ୍ବରରୁ ଭିଡ଼ିଓ କଲ ଆସିଲେ ଗ୍ରହଣ କରନ୍ତୁ ନାହିଁ

**1930**

ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ

www.cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରନ୍ତୁ

# ଟ୍ରାଫିକ ସଚେତନତା

## ସୁରକ୍ଷା ପରାମର୍ଶ

- ନିଜ ସୁରକ୍ଷା ପାଇଁ ଦୁଇଚକିଆ ଯାନରେ ସର୍ବଦା ହେଲମେଟ୍ ଏବଂ ଚାରି ଚକିଆ ଯାନରେ ସିଟ ବେଲ୍ଟ ପିନ୍ଧନ୍ତୁ ।
- ଦ୍ରୁତ ଗତିରେ ଗାଡ଼ି ଚଳାନ୍ତୁ ନାହିଁ, ଏହା ଆପଣଙ୍କ ପାଇଁ ଆତ୍ମଘାତୀ ହୋଇପାରେ।
- ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର କରନ୍ତୁ ନାହିଁ।
- ଅନ୍ୟ ଗାଡ଼ିମାନଙ୍କଠାରୁ ସୁରକ୍ଷିତ ଦୂରତା ବଜାୟ ରଖନ୍ତୁ।
- ରେଡ୍ ଲାଇଟ୍ ରେ ଜେବ୍ରା କ୍ରସିଂରୁ ପଛକୁ ଗାଡ଼ି ରଖନ୍ତୁ।
- ରାସ୍ତାରେ ମୋଡ ନେବା କିମ୍ବା ଲେନ ବଦଳାଇବା ସମୟରେ ସବୁବେଳେ ଇଣ୍ଡିକେଟର (Indicator) ବ୍ୟବହାର କରନ୍ତୁ
- ଅତିରିକ୍ତ ଯାତ୍ରୀ କିମ୍ବା ସାମଗ୍ରୀକୁ ନେଇ ଯାନକୁ ଓଭରଲୋଡ୍ (Overload) କରନ୍ତୁ ନାହିଁ
- ଅପାତକାଳୀନ ଯାନ (Ambulance, Fire Truck, PCR) ଗୁଡିକୁ ରାସ୍ତା ଦିଅନ୍ତୁ
- ନିଶାସକ୍ତ ଅବସ୍ଥାରେ ଗାଡି ଚାଲନ୍ତୁ ନାହିଁ।



**112**

ସତର୍କ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ

# ନିଶା ନିବାରଣ ସଚେତନତା

## ସୁରକ୍ଷା ପରାମର୍ଶ

- ଜୀବନ ଅମୂଲ୍ୟ: ନିଶା ସେବନ କରି ନିଜର ମୂଲ୍ୟବାନ ଜୀବନକୁ ନଷ୍ଟ କରନ୍ତୁ ନାହିଁ।
- ସାଙ୍ଗସାଥୀଙ୍କ ଚାପରେ ପଡ଼ି କେବେ ବି ପ୍ରଥମ ଥର ପାଇଁ ନିଶା ସେବନ କରନ୍ତୁ ନାହିଁ।
- ନିଶା ଆପଣଙ୍କ ଏକାଗ୍ରତା ଓ କ୍ୟାରିୟର ଗଢ଼ିବାର କ୍ଷମତାକୁ ଛଡ଼ାଇ ନିଏ।
- ମନେରଖନ୍ତୁ, ଆପଣଙ୍କ ଉପରେ ଆପଣଙ୍କ ପରିବାରର ସ୍ୱପ୍ନ ଓ ଭବିଷ୍ୟତ ନିର୍ଭର କରେ।
- ମାନସିକ ଚାପର ସମାଧାନ ନିଶା ନୁହେଁ, ବରଂ ଧୈର୍ଯ୍ୟ ଏବଂ ସଠିକ୍ ପରାମର୍ଶ।
- ଅଧିକାଂଶ ଅପରାଧ ଓ ଦୁର୍ଘଟଣାର ମୂଳ କାରଣ ହେଉଛି ନିଶା ସେବନ।
- ସଚେତନ ରୁହନ୍ତୁ: ନିଶାଦ୍ରବ୍ୟର ମାରାତ୍ମକ ପରିଣାମ ବିଷୟରେ ନିଜେ ଜାଣନ୍ତୁ ଓ ଅନ୍ୟକୁ ଜଣାନ୍ତୁ।
- ଭ୍ରମରେ ପଡ଼ନ୍ତୁ ନାହିଁ - ନିଶା ସେବନ କେବେ ବି ଆଧୁନିକତା ବା ଷ୍ଟାଇଲ୍‌ର ପ୍ରତୀକ ନୁହେଁ।
- ନିଶା ପାଇଁ ଖର୍ଚ୍ଚ ହେଉଥିବା ଅର୍ଥକୁ ନିଜର ଶିକ୍ଷା ଓ ଭବିଷ୍ୟତ ପାଇଁ ସଞ୍ଚୟ କରନ୍ତୁ।




**14443**

ଯଦି ଆପଣ ନିଶା ଜାଲରେ ଫସିଛନ୍ତି, ତେବେ ଲଜ୍ଜା ନକରି ପରିବାର ବା ଡାକ୍ତରଙ୍କ ସାହାଯ୍ୟ ନିଅନ୍ତୁ।

# COMMISSIONERATE POLICE
# BHUBANESWAR CUTTACK

# ସୁରକ୍ଷା ପୁସ୍ତିକା